ଶନିବାର ,୨୬ ମାର୍ଚ୍ଚ, ୨୦୨୨

# ପିଲାଙ୍କ ଧରିତ୍ରୀ






୨ ଜଣା ଅଜଣା

୩

୬ କବିତା

୮ ଆଇନା

# ପିଲାଦିନୁ ସଂସ୍କାର ଶିକ୍ଷା

## ଗପ

ଏକଦା ଜଣେ ସନ୍ଥ ନିଜ ଶିଷ୍ୟମାନଙ୍କ ସହିତ ଗୋଟିଏ ଗାଁକୁ ଭିକ୍ଷା ମାଗିବାକୁ ଯାଇଥିଲେ। ଏମିତି ଭିକ୍ଷା ମାଗୁ ମାଗୁ ସେ ଗୋଟିଏ ଘର ବାହାରେ ପହଞ୍ଚିଲେ। ସେ 'ଭିକ୍ଷାଂ ଦେହି' କହିବା ମାତ୍ରେ ଘର ଭିତରୁ କୁନି ଝିଅଟିଏ ବାହାରି ଆସିଲା। ଝିଅଟି ସନ୍ଥଙ୍କୁ କହିଲା,' ମହାଶୟ, ଆମ ପାଖରେ ଭିକ୍ଷାରେ ଦେବା ପାଇଁ କିଛି ନାହିଁ। ଏହା ଶୁଣି ସନ୍ଥ ଜଣକ ହସି ଦେଇ କହିଲେ, ଝିଅ..ମନା କରନି। ଯଦି ଭିକ୍ଷାରେ ଦେବା ପାଇଁ ଘରେ କିଛି ନାହିଁ ତେବେ ନିଜ ଘର ଅଗଣାର ମାଟିରୁ ମୁଠାଏ ଦାନରେ ଦେଇ ଦିଅ'। ଏହା ଶୁଣି ଝିଅଟି ତୁରନ୍ତ ଅଗଣାରୁ ମୁଠାଏ ମାଟି ଉଠେଇ ସନ୍ଥଙ୍କ ଭିକ୍ଷା ପାତ୍ରରେ ଢାଳି ଦେଲା। ସନ୍ଥ ଜଣକ ଝିଅଟିକୁ ଆଶୀର୍ବାଦ ଦେଇ ଆଗକୁ ବଢିଲେ। କିଛି ଦୂର ଯିବା ପରେ ଜଣେ ଶିଷ୍ୟ ସନ୍ଥଙ୍କୁ ପଚାରିଲା, 'ଗୁରୁଦେବ, ଆପଣ ଭିକ୍ଷାରେ ମାଟି କାହିଁକି ନେଲେ' ? ଏଇ ମାଟି ତ ଆମର କୌଣସି କାମରେ ଲାଗିବନି ?



ସନ୍ଥ ଜଣକ ଏହା ଶୁଣି ଶିଷ୍ୟକୁ ବୁଝେଇ କହିଲେ, 'ତୁମେ ଠିକ୍ କହୁଛ କି ଏଇ ମାଟି ଆମର କିଛି କାମରେ ଆସିବନି। ହେଲେ ଆଜି ସେ ଝିଅଟି ଛୋଟ ଅଛି। ଯଦି ତାକୁ ଆମେ ଦାନ ଦେବା ପାଇଁ ମନା କରିଥାନ୍ତେ ତେବେ ସେ ଦାନ କରିବା ଶିଖି ପାରିନଥାନ୍ତା ଆଉ ବଡ ହେଲା ପରେ କାହାକୁ କିଛି ବି ଜିନିଷ ଦାନ ଦେଇ ନ ଥାନ୍ତା'। ଆଜି ସେ ମୁଠାଏ ମାଟି ଦେଇଛି, ଯାହା ଫଳରେ ତା' ମନରେ ଦାନ ଦେବାର ଭାବନା ଜାଗ୍ରତ ହେବ। ଭବିଷ୍ୟତରେ ବଡ ହେଲା ପରେ ସେ ଯେତେବେଳେ ସାମର୍ଥ୍ୟବାନ ହେଇଯିବ ସେତେବେଳେ ସେ ଫଳ-ଫୁଲ, ଆଉ ଧନ ମଧ୍ୟ ଦାନରେ ଦେବାପାଇଁ କୁଣ୍ଠା ପ୍ରକାଶ କରିବ ନାହିଁ।

ପିଲାମାନଙ୍କୁ ପିଲାଦିନୁ ଭଲ କାମ କରିବା ପାଇଁ ଶିକ୍ଷା ଦେବା ଦରକାର। ତାଙ୍କୁ ଭଲ ସଂସ୍କାର ଦେଇ ଗଢିତୋଳିବା ସବୁ ଅଭିଭାବକଙ୍କର କର୍ତ୍ତବ୍ୟ। ପିଲାଟି ଦିନରୁ ଯଦି ତାଙ୍କୁ ଭଲ କର୍ମ କରିବା ପାଇଁ ପ୍ରେରିତ କରିବା, ତେବେ ଯାଇ ବଡ ହେଲା ପରେ ସେମାନେ ଭଲ ମଣିଷ ହେବେ, ଆଉ ସବୁ ଦୁର୍ଗୁଣଠୁ ଦୂରରେ ରହିବେ।

**-ମନୋଜ କୁମାର ବେହେରା**
୨୧୭, ୟୁନିଟ-୯, ଭୁବନେଶ୍ୱର
ମୋ : ୭୯୭୮୮୩୦୬୧୧

## ଖିଲି ଖିଲି ହସ

**(ରାମୁ ଓ ବାପାଙ୍କ ମଧରେ କଥାବାର୍ତ୍ତା...)**

**ରାମୁ:** ମୁଁ କାନ୍ଥରେ ଏମିତି ଏକ ଜନିଷ ତିଆରି କରିଛି, ଯାହା ଦ୍ୱାରା କାନ୍ଥ ଆରପଟେ ଥିବା ଜିନିଷକୁ ସହଜରେ ଦେଖିହବ।

**ସାର୍(ଖୁସିରେ):** ଆରେ ବାଃ! କ'ଣ ସେଇ ଜିନିଷ ଟା। ମୋତେ କହିବୁ କି ?

**ରାମୁ:** କଣା। ମାନେ କାନ୍ଥରେ କଣା କରିଛି।

**(ଶିକ୍ଷକଙ୍କ ଭୀମା ଉପରେ ରାଗ...)**

**ଶିକ୍ଷକ(ରାଗରେ):** ଭୀମା! ତୁ କାଲି କାହିଁକି ସ୍କୁଲ ଆସି ନ ଥିଲୁ ?

**ଭୀମା:** ସାର୍! ମୁଁ କାଲି ପଡ଼ିଗଲି ଆଉ ଲାଗିଗଲା।

**ଶିକ୍ଷକ:** ଆରେ କୋଉଠି ପଡ଼ିଲୁ, ଆଉ କ'ଣ ଲାଗିଲା ?

**ଭୀମା:** ସାର୍! ମୁଁ ବେଡ୍‌ରେ ପଡ଼ିଗଲି ଆଉ ମୋ ଆଖି ଲାଗିଗଲା।

**(ପପୁ ଓ ତା' ଅଙ୍କଲ୍‌ଙ୍କ ମଧରେ କଥାବାର୍ତ୍ତା...)**


**ଅଙ୍କଲ୍:** ପପୁ! ତୁ ସ୍କୁଲ କ'ଣ ପାଇଁ ଯାଉନୁ ?

**ପପୁ:** ବହୁତ ଥର ଯାଇଥିଲି ଅଙ୍କଲ୍। ହେଲେ, ସେମାନେ ମୋତେ ମାଡ଼ ମାରି ଫେରେଇ ଦିଅନ୍ତି।

**ଅଙ୍କଲ(ଆଶ୍ଚର୍ଯ୍ୟରେ):** ଆରେ କାହିଁକି ?

**ପପୁ:** କୁହନ୍ତି ଜଲ୍‌ଦି ପଳା ଏଠୁ। ଝିଅମାନଙ୍କ ସ୍କୁଲରେ ତୋର କ'ଣ କାମ ?

## ପାର୍ଥକ୍ୟ ଦର୍ଶାଅ



## ମତାମତ

▶▶ 'ଗପ' ସ୍ତମ୍ଭରେ ପ୍ରକାଶିତ 'ଆମ ଗାଁ ହୋଲି' ପଢ଼ି ଭଲ ଲାଗିଲା। ଗାଁ କଥା ମନେ ପଡ଼ିଗଲା।

**-ପ୍ରିୟାଂଶୀ ସାମଲ, ଶାନ୍ତିନିକେତନ, କୋଲକାତା**

▶▶ ହୋଲିକୁ ନେଇ 'ତୁମ ତୂଳୀରେ'ସ୍ତମ୍ଭରେ ପ୍ରକାଶିତ ସବୁ ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇପାରିଥିଲା।

**-ରାଜଶେଖର ସାମନ୍ତରାୟ, ବାସୁଦେବପୁର, ଭଦ୍ରକ**

▶▶ ମ୍ୟାଥ୍ ଜିନିୟସ୍ ଗିଲ୍‌ଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। 'ଗିନିଜ୍ ୱାର୍ଲ୍ଡ ରେକର୍ଡ଼' ସ୍ତମ୍ଭଟି ସବୁବେଳେ ଶିକ୍ଷଣୀୟ ଲାଗୁଛି।

**-କଳ୍ପିତା ମହାନ୍ତି, କଣ୍ଟାବାଞ୍ଜି, ବଲାଙ୍ଗୀର**

▶▶ 'କବିତା' ସ୍ତମ୍ଭରେ ବାହାରିଥିବା 'ରଙ୍ଗର ପସରା ମେଲି' ଛୋଟ ଥିଲା ଓ ପଢ଼ିବାକୁ ଭଲ ଲାଗିଲା।

**-ମନ୍ମୟୀ ହୋତା, ସିନାପାଲି, ନୂଆପଡ଼ା**

▶▶ 'ଖିଲି ଖିଲି ହସ'ସ୍ତମ୍ଭରେ ପ୍ରକାଶିତ ଜେଜେ-ନାତିଙ୍କ କଥାବାର୍ତ୍ତା ପଢ଼ି ବହୁତ ହସିଲି। ଅଧିକ ଦେବାକୁ ଅନୁରୋଧ।

**-ବିକାଶ ବଳିୟାରସିଂ, ଗୁରୁଜଙ୍ଗ, ଖୋର୍ଦ୍ଧା**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



କିଏ ସକାଳୁ ଉଠି ପଢ଼ାକୁ ଗୁରୁତ୍ୱ ଦେଉଛି ତ ଆଉ କିଏ ଫ୍ଲୋ ଚାର୍ଟ, ପୁଣି କିଏ ଡାଇଗ୍ରାମ କରି ପାଠ ପଢୁଛି। କିଏ ପୂର୍ବ ବର୍ଷଗୁଡ଼ିକର ପ୍ରଶ୍ନଗୁଡ଼ିକୁ ରିଭାଇଜ୍ କରୁଛି ତ ଆଉ କେତେ ଜଣ ରୁଟିନ୍ ଅନୁଯାୟୀ ନିଜକୁ ପ୍ରସ୍ତୁତ କରୁଛନ୍ତି । ତେବେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ସଭିଏଁ ନିଜ ନିଜର ଶତ ପ୍ରତିଶତ ଚେଷ୍ଟା ଜାରି ରଖିଛନ୍ତି। ଯେଉଁଥିପାଇଁ ଖାଲି ପିଲାମାନେ ନୁହେଁ, ଅଭିଭାବକମାନେ ମଧ୍ୟ ନିଜ ନିଜ ସ୍ତରରେ ସଜାଗ ରହି ନିଜ ପିଲାଙ୍କୁ ପରୀକ୍ଷା ଟିପ୍ସ ଦେବାକୁ ଭୁଲୁ ନାହାନ୍ତି। ପରୀକ୍ଷା ଲାଗି ଏବେ ପିଲାମାନେ କିପରି ପ୍ରସ୍ତୁତି ଚଳାଇଛନ୍ତି, ତାହାକୁ ନେଇ ଏଥରର ବିଶେଷ ଉପସ୍ଥାପନା...



# ପରୀକ୍ଷା ପ୍ରସ୍ତୁତି

ଧୀରେ ଧୀରେ ପାଖେଇ ଆସୁଛି ପରୀକ୍ଷା। ଯାହାକୁ ନେଇ ତତ୍ପର ହୋଇଉଠିଲେଣି ସ୍କୁଲ ପିଲାମାନେ। ଆଉ ଏବେଠୁ ନିଜ ନିଜ ଢଙ୍ଗରେ ସେମାନେ ଆରମ୍ଭ କରିସାରିଲେଣି ପ୍ରସ୍ତୁତି ...

## ଏପରି କରନ୍ତୁ ପରୀକ୍ଷା ପ୍ଲାନିଂ...

■ ପରୀକ୍ଷା ନିମନ୍ତେ ପ୍ରଥମେ ନିଜର ଷ୍ଟଡି ପ୍ଲାନ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ସମସ୍ତ ବିଷୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାରେ ସହଜ ହେବ ଏବଂ ଭଲ ନମ୍ବର ରଖିବାରେ ସାହାଯ୍ୟ କରିବ।

■ ବହୁ ସମୟ ଧରି ପାଠ ପଢ଼ିବା ଦ୍ୱାରା ବେଳେବେଳେ ପିଲାଙ୍କ ଉପରେ ଅଧିକ ଚାପ ପଡ଼ିଯାଏ। ଫଳରେ ପାଠ ପଢ଼ିବାର ଆଗ୍ରହ ସେମାନଙ୍କଠାରେ ଧୀରେ ଧୀରେ କମିଯାଏ। ତେଣୁ ଦୀର୍ଘ ସମୟ ପଢାରେ ବସି ନ ରହି ମଝିରେ କମ୍ ସମୟ ବିରତି ନେଇ କିଛି ଖେଳକୁଦ କିମ୍ବା ମନୋରଞ୍ଜନ କରନ୍ତୁ ଯାହା ଦ୍ୱାରା ଉଭୟ ଶରୀର ଏବଂ ମନ ହାଲୁକା ହେବ। ଫଳରେ ପାଠ ଭଲ ମନେ ରହିବ।

■ ପାଠ ପଢ଼ିବା ପାଇଁ ଶାନ୍ତ ଏବଂ ଠିକ୍ ଭାବେ ଲାଇଟ୍ ପଡୁଥିବା ସ୍ଥାନ ବାଛନ୍ତୁ। ବାହାରୁ ଯେମିତି କେହି ଡିଷ୍ଟର୍ବ କରୁ ନ ଥିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏପରି ପରିବେଶରେ ପାଠ ପଢ଼ିବା ପାଇଁ ଆପଣଙ୍କର ଅଧିକ ମନ ଲାଗିବ।

■ଏ ସମୟରେ ଅନେକ ପିଲା ପଢା ନିଶାରେ ଖାଦ୍ୟପେୟରେ ଅବହେଳା କରି ଗ୍ୟାସ୍ ସମସ୍ୟା, ଝାଡାବାନ୍ତି ଆଦିର ଶିକାର ହୁଅନ୍ତି, ଯାହାର ନକାରାତ୍ମକ ପ୍ରଭାବ ପରୀକ୍ଷା ଉପରେ ପଡିଥାଏ। ତେଣୁ ଖାଇବା ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତୁ। ଅସ୍ୱାସ୍ଥ୍ୟକର କିମ୍ବା ଗରିଷ୍ଠ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଅଳ୍ପ ଅଳ୍ପ ସମୟ ବ୍ୟବଧାନରେ ସୁଷମ ଖାଦ୍ୟ ଖାଆନ୍ତୁ। ସ୍ମରଣ ଶକ୍ତି ବଢ଼ିବା ପାଇଁ ପ୍ରତିଦିନ କାଜୁ, ଚିନାବାଦାମ କିମ୍ବା ଆଲମଣ୍ଡ ବି ଖାଇପାରିବେ। ଏହା ସହ ପ୍ରଚୁର ପାଣି ପିଇବାକୁ ଭୁଲନ୍ତୁ ନାହିଁ।

■ କିଛି ପିଲା ରାତି ଅନିଦ୍ରା ହୋଇ ପାଠ ପଢ଼ିଥାନ୍ତି। ହେଲେ ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ। ତେଣୁ ମସ୍ତିଷ୍କ ସ୍ଥିର ରଖିବା ସହ ଅଧିକ ପାଠ ମନେ ରଖିବା ଲାଗି ଅତି କମ୍‌ରେ ୫-୭ ଘଣ୍ଟା ଶୁଅନ୍ତୁ।

■ ମଝିରେ ମଝିରେ ସାଙ୍ଗମାନଙ୍କ ସହ ଗ୍ରୁପ୍ ଡିସ୍କସନ୍ କରନ୍ତୁ। ଏହା ଦ୍ୱାରା ନିଜର ଡାଉଟ୍ କ୍ଲିଅର୍ ହେବା ସହ ପାଠ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ।

■ ଯାହା ବି ପଢୁଛନ୍ତି ତାକୁ ନେଇ ଶର୍ଟ ନୋଟ୍ ପ୍ରସ୍ତୁତ କରନ୍ତୁ। ଅଳ୍ପ ସମୟରେ କିଭଳି ଅଧିକ ଜ୍ଞାନ ଆହରଣ କରିପାରିବେ ସେଥିପାଇଁ ଷ୍ଟ୍ରାଟେଜି ପ୍ରସ୍ତୁତ କରନ୍ତୁ। ପ୍ରତି ପାଠକୁ ଠିକ୍ ଭାବେ କ୍ରସ୍ ଚେକ୍ କରନ୍ତୁ।

■ ପୂର୍ବ ବର୍ଷଗୁଡ଼ିକରେ ଆସିଥିବା ପ୍ରଶ୍ନଗୁଡ଼ିକୁ ବାରମ୍ବାର ଅଭ୍ୟାସ କରନ୍ତୁ। ଫଳରେ ଆପଣ ପ୍ରଶ୍ନଗୁଡ଼ିକର ପାର୍ଟର୍ନ ଜାଣିପାରିବେ, ଯାହା ଆପଣଙ୍କୁ ପରୀକ୍ଷାରେ ଭଲ କରିବାରେ ସାହାଯ୍ୟ କରିବ।

■ ପରୀକ୍ଷା ପୂର୍ବରୁ ନିଜ ପାଠକୁ ଯେତେ ଥର ରିଭିଜନ୍ କରିବେ ସେତେ ଭଲ। କେବଳ ପଢିବା ନୁହେଁ ଲେଖିବା ଅଭ୍ୟାସ ମଧ୍ୟ କରନ୍ତୁ। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ଭୁଲ ଉତ୍ତର ଲେଖିବାରେ ଅଭ୍ୟସ୍ତ ହୋଇପାରିବେ।



## ସଫଳତାର ମନ୍ତ୍ର: ନିରବଚ୍ଛିନ୍ନ ଅଭ୍ୟାସ



**ପ**ରୀକ୍ଷାରେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ ସାଙ୍ଗକୁ ନିରବଚ୍ଛିନ୍ନ ଉଦ୍ୟମ ଏକାନ୍ତ ଆବଶ୍ୟକ। ଅଧିକ ନମ୍ବର ରଖିବା ପାଇଁ ଅଧ୍ୟୟନ ସମୟରେ ଚାପଗ୍ରସ୍ତ ହେବା ଆଦୌ ଉଚିତ ନୁହେଁ। ପଢ଼ା ସମୟରେ ମନରେ ଯଦି କିଛି ଦ୍ୱନ୍ଦ୍ୱ ଆସେ, ତେବେ ତୁରନ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ମାତାପିତା ଓ ଗୁରୁଜନଙ୍କ ସାହାଯ୍ୟ ନେଇ ସମାଧାନ କରନ୍ତୁ। ପରୀକ୍ଷା ପାଇଁ ରାତି ଅନିଦ୍ରା ନ ହୋଇ ଦୃଢ଼ ମନୋବଳ ଓ ଚାପମୁକ୍ତ ହୋଇ ପଢ଼ାକୁ ଧ୍ୟାନ ଦିଅନ୍ତୁ। ନିଜ ଶୈଳୀରେ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରସ୍ତୁତ କରି ମନେରଖନ୍ତୁ। ଯାହାଦ୍ୱାରା ପରୀକ୍ଷକ ପ୍ରଭାବିତ ହୋଇ ତୁମ ଲେଖାକୁ ଅଧିକ ଗୁରୁତ୍ୱ ଦେବେ। ପିଲାମାନେ ପରୀକ୍ଷାକୁ ନ ଡରି ଖୁସିରେ ଧୀରସ୍ଥିର ମନରେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ବାରମ୍ବାର ଅଭ୍ୟାସ ଜାରି ରଖିଲେ ନିଶ୍ଚୟ ସଫଳତାର ଶୀର୍ଷ ଛୁଇଁ ପାରିବେ।

**-ପ୍ରଶାନ୍ତ କୁମାର ସାହୁ,**
ବିଜ୍ଞାନ ଶିକ୍ଷକ, ବଡ଼ପୋଡ଼ାଗୁଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରଏନ୍‌ଗୁଡ଼ା, କଳାହାଣ୍ଡି

## ସବୁ ବିଷୟକୁ ସମାନ ସମୟ ଦେଉଛି



**ଆ**ଗକୁ ଆସୁଥିବା ପରୀକ୍ଷା ପାଇଁ ମୁଁ ଟେନ୍‌ସନ୍ ନ ହୋଇ ଧୀରସ୍ଥିର ଭାବେ ପାଠ ପଢୁଛି। ପଢ଼ାରେ ମା'ବାପା ବି ମୋତେ ସାହାଯ୍ୟ କରୁଛନ୍ତି। ଖାଇବା ପ୍ରତି ମୋ ମା' ସବୁବେଳେ ସଚେତନ। ସବୁଦିନ ସବୁ ବିଷୟକୁ ପଢିବା ଲାଗି ସମାନ ସମୟ ଦେଉଛି। ପୂର୍ବ ବର୍ଷର ପ୍ରଶ୍ନଗୁଡ଼ିକୁ ବି ଏବେଠୁ ରିଭିଜନ କରିବା ଆରମ୍ଭ କଲିଣି। ତେଣୁ ପରୀକ୍ଷା ଆଗକୁ ଭଲ ହେବ ବୋଲି ଆଶା ରଖିଛି।

**-ସୁପ୍ରଭା ପ୍ରିୟଦର୍ଶିନୀ ବେହେରା,** କ୍ଲାସ-୯, ବଡ଼ବିରୁଆଁ ଉଚ୍ଚ ବିଦ୍ୟାପୀଠ, ଯାଜପୁର

## ଘରେ ରିଭିଜନ୍ କରୁଛି




**ପ**ରୀକ୍ଷା ପାଇଁ ପ୍ରତ୍ୟେକ ଦିନ ୬-୭ ଘଣ୍ଟା ପରିଶ୍ରମ କରୁଛି। ପ୍ରଶ୍ନଗୁଡ଼ିକର ଉତ୍ତରକୁ ନିଜେ ବୁଝିପାରିଲା ଭଳି ପ୍ରସ୍ତୁତ କରୁଛି। ଏବେ ଆଉ ସ୍କୁଲ ନ ଯାଇ ଘରେ ରହି ପାଠକୁ ରିଭିଜନ୍ କରୁଛି। କୌଣସି ଡାଉଟ୍ ବାହାରିଲେ ସାଙ୍ଗେ ସାଙ୍ଗେ ଫୋନ୍ ମାଧ୍ୟମରେ ଶିକ୍ଷକଙ୍କଠାରୁ ବୁଝିନେଉଛି। ବେଳେ ବେଳେ ସାଙ୍ଗମାନଙ୍କ ସହ ମିଶି ମଧ୍ୟ ପାଠ ବିଷୟରେ ଆଲୋଚନା କରୁଛି, ଯାହା ଦ୍ୱାରା ପାଠ ବୁଝିବାରେ ମୋତେ ସହଜ ହେଉଛି।

**-ବସୁନ୍ଧରା ନାୟକ,** କ୍ଲାସ-୮, ମା' ତାରିଣୀ ନୋଡାଲ ବିଦ୍ୟାପୀଠ, ଗୋପାଳପୁର, କଟକ



(୧)



(୨)




(୩)




(୪)



(୫)




(୬)



(୭)



(୮)



(୯)



(୧୦)



**ଆଶୁତୋଷ ଦାଶ**
କ୍ଲାସ- ୪, ସେଣ୍ଟ ଜାଭିଅର ସ୍କୁଲ, ନିୟୁ କଲୋନୀ, ରାୟଗଡା

୧

**ଆଦିତ୍ୟ ପ୍ରଭୁପ୍ରସାଦ ସାହୁ**
କ୍ଲାସ- ୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର



୨



**ଅନନ୍ୟା ରୁପାଲୀ ତ୍ରିପାଠୀ**
କ୍ଲାସ- ୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

୩

**ହେମଲତା ନାଗ**
କ୍ଲାସ- ୮, ସରକାରୀ ଉ.ପ୍ରା. ବିଦ୍ୟାଳୟ, ଶୁକ୍ଲିମୁଣ୍ଡି, ନୂଆପଡା



୪



**ରୁଦ୍ରାକ୍ଷ ସାହୁ**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରସୁଲଗଡ଼, ଭୁବନେଶ୍ୱର

୫

**ସସ୍ମିତା ଧୁରୁଆ**
କ୍ଲାସ- ୧୦, ଏସଏସ୍‌ଡି ଗାର୍ଲସ ହାଇସ୍କୁଲ, ଡାବୁଗାଁ, ନବରଙ୍ଗପୁର



୬



**ଜ୍ୟୋତିରାଦିତ୍ୟ ଜେନା**
କ୍ଲାସ-୭, ଭେଙ୍କଟେଶ୍ୱର ଇଂଲିଶ ମିଡ଼ିୟମ୍ ସ୍କୁଲ, ଭୁବନେଶ୍ୱର

୭

**ସାଇ ସ୍ପନ୍ଦନ**
କ୍ଲାସ-୩, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



୮



**ହିମେଶ ଛୁଆଳସିଂ**
କ୍ଲାସ-୬, ଓଡ଼ିଏମ୍ ଗ୍ଲୋବାଲ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

୯

**ସୂର୍ଯ୍ୟପ୍ରସାଦ ନାୟକ**
କ୍ଲାସ-୩, ଶିଶୁବିହାର ଇଂଲିଶ୍ ମିଡିୟମ ସ୍କୁଲ୍, ସହିଦନଗର, ଭୁବନେଶ୍ୱର



୧୦

# ଆସି ଯାଇଛିରେ ଖରାବେଳ

ଆସିଯାଇଛିରେ ଖରାବେଳ ଆଜି
ଶୀତ ଯାଇଛିରେ ହଟି
ବଦଳି ଯାଇଛି ଧରଣୀର ରୂପ
ଫେରିଛି ତାତି ଲେଉଟି।
ବେଳୁ ବେଳ ଖରା ପ୍ରକୋପ ବଢୁଛି
ଲାଗୁଛି ଭାରି ଅସ୍ଥିର
ଦହି ସରବତ ଥଣ୍ଡା ସେ ଜଳରେ
ମନ ବଳୁଛି ଆମର।
ଭାରି ସୁଆଦିଆ ଆଖୁପେଡା ରସ
ମେଣ୍ଟିବ ତୃଷାର ଭାଉ
ବାଟ ଚାଲି ଚାଲି ଥକି ଯେ ପଡିଲେ
ଛାଇ ସମ୍ଭାଳେ ତା ଦାଉ।
କ୍ଲେଶ କ୍ଲାନ୍ତି ଭରା ମନ ଓ ଶରୀର
ଶୀତଳ ଛାଇ ନିଆରା
ଚାଳ ଆଟୁ ଆଉ ଛଣର କୁଡ଼ିଆ
ବାସରେ ଥାଏ ଆଦର।
ସୂର୍ଯ୍ୟଙ୍କର ତେଜ ହୁଏ ଦୀପ୍ତିମାନ
ସତେ କି ଅଗ୍ନି ବରଷା
ଶୁଖିଲା ପଡଇ ଜଳର ଭଣ୍ଡାର
ମହଙ୍ଗା ସୁଖର ଆଶା।
ବଦଳୁ ଥାଏରେ ପ୍ରକୃତିର ରୂପ
ସମୟର ନଇ ଧାରେ
ନ ପାରିବା କେବେ ଅଟକାଇ ତାକୁ
ଆମରି ସାଧନା ଦ୍ୱାରେ।

**–ଦେବାଶିଷ ରଥ**
ରାମେଶ୍ୱର, ଖୋର୍ଦ୍ଧା




# ଚିଠି ଫଗୁଣର


ମଳୟ ରଥରେ ପାଦକୁ ରଖି
ଫଗୁଣ ପତର ଦେଇଛି ଲେଖି।
ଫୁଲର ଗହଣା ଯାଉଛି ନେଇ
ସଜେଇ ଦେବି ମୁଁ ଏ ଧରା ଭୂଇଁ।
ଅତର ବାସିବ ମହୀ ମଣ୍ଡଳ
ନବ ବଧୂ ବେଶ ମୁଖ ମଣ୍ଡଳ।
କୋଇଲି ଫୁଙ୍କିବ ଶଙ୍ଖ ମହୁରୀ
ରଜନୀ ହସିବ ଅନ୍ଧାର ଚିରି।
ବନ ଉପବନ ଚମକି ଯିବ
ଆନନ୍ଦେ ନାଚିବେ ସମସ୍ତ ଜୀବ।
ରଙ୍ଗ ବେରଙ୍ଗର କୁସୁମ ମାଳ
ସଙ୍ଗରେ ଆଣିଛି ଅବିର ଖେଳ।
ଜାତି ଅଜାତିର ଭାବ ନ ଥିବ
ପର ଉପକାର ଭାବନା ଥିବ।
ସ୍ନେହ ମମତାରେ ସକଳ ଜନ
ସମସ୍ତଙ୍କୁ ମୋର ଅଭିନନ୍ଦନ।

**–ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ

# ବହେ ମଧୁ ମଳୟ

କାନନେ ବହେ ମଧୁ ମଳୟ
ବାସନା ପଡେ ଝରି
ଫଗୁଣ ଆସେ ମୁରୁକି ହସି
ଧରାକୁ ଅବତରି
ମେଲାଣି ନେଲା ଶୀତ,
ଗଛ ଡାଳରେ କେଡେ ବାଗରେ
କୋଇଲି ଗାଏ ଗୀତ।
ଆମ୍ବ ବଉଳ ଦିଶେ ସୁନ୍ଦର
ବାସ ଚହଟିଯାଏ
ପରଜାପତି ଡେଣାକୁ ଛାଟି
ହରଷେ ଉଡୁଥାଏ
ପରାଣ ନିଏ ମୋହି,
ହାତ ମୁଠାକୁ ସରଗ ସୁଖ
ସରାଗେ ଆସେ ବୋହି।
ଆକାଶୁ ଖସେ ରଙ୍ଗ ବରଷା
ଭିଜେଇ ଦିଏ ମନ
ହସିଉଠଇ ନଦୀ ଝରଣା
ଚମକେ ବିଲ ବଣ
ଭଅଁର ଗୁଣୁଗୁଣୁ,
ଏଫୁଲେ ବସି ସେଫୁଲେ ଯାଏ
ଶବଦ ରୁଣୁଝୁଣୁ।

**–ଶରତ କୁମାର ଦାସ**
ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର



# ଗିନିଜ ୱାର୍ଲ୍ଡ ରେକର୍ଡ

## ସର୍ବକନିଷ୍ଠ ଡ୍ରୋନ୍ ଫଟୋଗ୍ରାଫର୍

ପିଲାମାନେ ତୁମ ଆଖପାଖରେ ଥିବା ଜିନିଷକୁ କ୍ୟାମେରାରେ କ୍ୟାପ୍‌ଚର କରିବାକୁ ଭଲଲାଗେ ନା ! କେବେ ଭୌଗୋଳିକ ମାନଚିତ୍ରରେ ସ୍ଥାନିତ ଥିବା ଫଟୋକୁ କ୍ଲିକ୍ କରିଛ କି ? ଆମେରିକାର ୧୪ ବର୍ଷୀୟ ନାଥାନ ଲୁ ଏଭଳି ଫଟୋ ଉଠାଇ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ନାଥାନ ଏଭଳି ଫଟୋ ଉଠାଇବା ପାଇଁ ନିଜ ଡ୍ରୋନ୍‌କୁ ବ୍ୟବହାର କରିଥାନ୍ତି। ୧୧ବର୍ଷ ବୟସରେ ସେ ଡ୍ରୋନ୍ ବ୍ୟବହାର କରି ଆମେରିକାର କାଲିଫର୍ନିଆ ବିଚ୍‌ର ଫଟୋ କ୍ୟାପ୍‌ଚର କରିଥିଲେ, ଯେଉଁଥିପାଇଁ ସେ ଏହି ରେକର୍ଡ ହାସଲ କରିପାରିଥିଲେ। ଅନ୍‌ଲାଇନ୍‌ରେ ହେଉଥିବା ଏକ ପ୍ରତିଯୋଗିତାରୁ ସେ ଉତ୍ସାହିତ ହୋଇ ଏଭଳି ଫଟୋ ଉଠାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପରିବାର ସଦସ୍ୟମାନେ ମଧ ତାଙ୍କୁ ଏଥିପାଇଁ ସାହାଯ୍ୟ କରିଥିଲେ। ଏବେ ସେ ସର୍ବକନିଷ୍ଠ ଡ୍ରୋନ୍ ପାଇଲଟ୍ ଏବଂ ଫଟୋଗ୍ରାଫର ଭାବେ ବେଶ୍ ପରିଚିତ।






# ଏଥରର



- ଭାରତରେ ଭୋଟଦେବାର ସର୍ବନିମ୍ନ ବୟସ କେତେ ?
- ଓଡ଼ିଶାରେ ବିଧାନସଭା ଆସନ ସଂଖ୍ୟା କେତେ ?
- ଭାରତରେ ଲୋକ ସଭା ଆସନ ସଂଖ୍ୟା କେତେ ?
- କେତେବର୍ଷରେ ଥରେ ଲୋକ ସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୁଏ ?
- ଭାରତରେ ନିର୍ବାଚନ କାହା ଦ୍ୱାରା ପରିଚାଳିତ ହୋଇଥାଏ ?

# ଗତଥରର ଉ ତ୍ତ ର

- ହୋଲି
- ଫାଲ୍‌ଗୁନ
- ରାଧା, କୃଷ୍ଣ
- ଫଗୁ ଦଶମୀ
- ହୋଲିକା



# କହିଲ ଦେଖି



୧. ଦେହଟା ମୋହର କଳା ବୋଲି କେବେ
କରିନି ମନରେ ଦୁଃଖ
ମୋତେ ଯେ ସାଥିରେ ଧରିଥିବ ପିଲେ
ପାଇବ ମୋ ଠାରୁ ସୁଖ
ଖରା ବର୍ଷାର ମୁଁ ସାଥୀ
କହିଦିଅ ପିଲେ ନାମଟିକୁ ମୋର
ଫୁଲାଇ ଯେ ଯା'ର ଛାତି।

**ଉ–ଛତା**




୨. ପାଦ ତଳେ ମୁହିଁ ରହିଥାଏ ସଦା
ସୁରକ୍ଷା ସଭିଙ୍କୁ ଦିଏ
ଡରାଇ ଦିଏ ମୁଁ କଣ୍ଟା ଗୋଡି ତାପ
ମୋତେ ଯେ ଆଦରି ନିଏ
କିଏ କହିବ ମୋ ନାଁ
ହସି ହସି ଯିଏ କହିବ ମୋ ନାଁ
ବୁଲିଯିବା ତାଙ୍କ ଗାଁ।

**ଉ–ଚପଲ**



୩. ଅଳପ ଟଙ୍କାରେ ମିଳେ ସିନା ମୁହିଁ
କରୁଛି ଅନେକ କାମ
ସବୁଦିନ ମୋତେ ଖୋଜା ପଡୁଥାଏ
ଜୀବନ ମୋ ଅନ୍ୟ ନାମ
କହିବ ପିଲେ ମୁଁ କିଏ
ସବୁବେଳେ ତାକୁ ଭଲ ମୁଁ ପାଉଛି
କହିବ ମୋ ନାମ ଯିଏ।

**ଉ–ପାଣି ବୋତଲ**

**–ଅଶୋକ କୁମାର ପ୍ରଧାନ**
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ, ମୋ: ୮୨୪୯୧୧୯୧୩୦



## ଲୌଭ୍ର ମ୍ୟୁଜିୟମ୍

ପୃଥିବୀର ସବୁଠୁ ବଡ଼ ମ୍ୟୁଜିୟମ୍ ହେଉଛି ଲୌଭ୍ର ମ୍ୟୁଜିୟମ୍। ଏଠାରେ ଥିବା ପ୍ରତି କାରୁକାର୍ଯ୍ୟକୁ ଯଦି ୩୦ ସେକେଣ୍ଡ ପାଇଁ ଦେଖାଯାଏ ତେବେ ସବୁଗୁଡ଼ିକୁ ଦେଖିବା ପାଇଁ ଅତିକମ୍‌ରେ ପ୍ରାୟ ୧୦୦ ଦିନ ଲାଗିଯିବ। ଲିଓନାର୍ଡ ଡ଼ା ଭିନ୍ସିଙ୍କ ଦ୍ୱାରା ଅଙ୍କିତ ମୋନାଲିସା ପେଣ୍ଟିଂକୁ ଏଠାରେ ଦେଖିବାକୁ ମିଳେ । ୧୭୯୩ ମସିହାରେ ଏହି ମ୍ୟୁଜିୟମ୍ ଲୋକଙ୍କ ପାଇଁ ଖୋଲା ଯାଇଥିଲା।

# ଜଣା ଅଜଣା




## ବିଶ୍ୱର ବଡ଼ ଓ ଛୋଟ ବେଙ୍ଗ

ବେଙ୍ଗଙ୍କ ଗୋଷ୍ଠୀକୁ ଆର୍ମି କୁହାଯାଏ । ଏମାନେ ନିଜ ଚର୍ମ ଦ୍ୱାରା ପାଣି ପିଇଥାନ୍ତି । ପୃଥିବୀର ସବୁଠୁ ବଡ଼ ବେଙ୍ଗ ଗୋଲିଅଥ୍ ଫ୍ରଗ୍, ଯାହାର ଲମ୍ୱ ୩୨ ସେଣ୍ଟିମିଟର । ଏମାନେ ଆଫ୍ରିକାରେ ଦେଖାଯାଆନ୍ତି । ସେହିପରି ସବୁଠୁ କ୍ଷୁଦ୍ର ବେଙ୍ଗ ହେଉଛି ପିଡୋଫ୍ରାଇନ୍ ଆମାଉନ୍ସିସ୍, ଯାହାର ଲମ୍ୱ ୭.୯ ମିଲିମିଟର ।

## ଜନ୍ମରୁ ଦାନ୍ତ ଉଠୁଥିବା ପ୍ରାଣୀ

ସାଧାରଣତଃ ଛେଳିମାନେ ଏକାଠି ରହିବାକୁ ଭଲ ପାଆନ୍ତି । ଛେଳିଛୁଆ ଜନ୍ମହେବାର ମାତ୍ର ଗୋଟେ ମିନିଟ୍ ମଧ୍ୟରେ ଛିଡ଼ା ହୋଇଯାଏ । ଗାଈ, ଘୋଡ଼ା ଆଦି ପ୍ରାଣୀମାନଙ୍କ ପରି ଏମାନଙ୍କର ବି ୪ଟି ଷ୍ଟୋମାକ୍ ବା ପାକସ୍ଥଳୀ ଥାଏ । ଜନ୍ମରୁ ହିଁ ଏମାନଙ୍କର ତଳ ମାଢିରେ ଦାନ୍ତ ଉଠିଥାଏ ।






## ବିଭିନ୍ନ ରଙ୍ଗର ଷ୍ଟ୍ରବେରି

ଷ୍ଟ୍ରବେରିର ରଙ୍ଗ ସାଧାରଣତଃ ଲାଲ୍ ହୋଇଥିବା ବେଳେ ଆଉ କେତେକ ଷ୍ଟ୍ରବେରିର ରଙ୍ଗ ଧଳା ଓ ହଳଦିଆ ହୋଇଥାଏ । କିଛି ଷ୍ଟ୍ରବେରିର ସ୍ୱାଦ ସପୁରି ପରି ମଧ୍ୟ ଲାଗେ । ଏହାର ବାହାରେ ପ୍ରାୟତଃ ୨୦୦ଟି ଛୋଟ ଛୋଟ ମଞ୍ଜି ଥାଏ । ଏହା ଉପରେ ଥିବା ଡଟ୍‌କୁ ଆକେନେ କୁହାଯାଏ ।

## ପ୍ରାକୃତିକ ଫିଲ୍‌ଟର ସିଷ୍ଟମ

ସବୁଠାରୁ ଅଧିକ ରକ୍ତ ସଞ୍ଚାଳନ କିଡ୍‌ନୀରେ ହୋଇଥାଏ। ସେଥିପାଇଁ ଏହାକୁ ଶରୀରର ପ୍ରାକୃତିକ ଫିଲ୍‌ଟର ସିଷ୍ଟମ କୁହାଯାଏ। ନେଫ୍ରନ ଦ୍ୱାରା କିଡ୍‌ନୀରେ ଫିଲ୍ଟରିଂ ପ୍ରକ୍ରିୟା ହେଉଥିବା ବେଳେ ଆକୃତିରେ ଏହା ସେଲ୍‌ଫୋନ୍ ଭଳି ବଡ଼ ହୋଇଥାଏ। ଏହାର ଓଜନ ପ୍ରାୟ ୪–୬ ଆଉନ୍ସ।



# ଆ ଇ ନା



ପୀୟୁଷ ତ୍ରିପାଠୀ
ବୟସ: ୫ ବର୍ଷ | କଟକ



ଲିକିତା ସାହୁ
ବୟସ: ୬ ବର୍ଷ | ଭୁବନେଶ୍ୱର